


# ଟାଉନ୍‌ହଲ ପରିସର ପାଲଟିଛି ପାର୍କିଂସ୍ଥଳ, ପରିସ୍ରାଗାର

## ନବୀକରଣ କାର୍ଯ୍ୟ ବିଳମ୍ବ

ପାରଳାଖେମୁଣ୍ଡି, ୪।୩(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ୧୪ ନଂ. ଓ୍ୱାର୍ଡସ୍ଥିତ ଟାଉନ୍‌ହଲ ନବୀକରଣ କାର୍ଯ୍ୟ ଚାଲିଥିବାବେଳେ ଏଥିରେ ଅହେତୁକ ବିଳମ୍ବ ହେଉଥିବା ଜଣାପଡ଼ିଛି। ଜିଲା ସଦରରେ ସରକାରୀଭାବେ ଏହା ଏକମାତ୍ର ହଲ୍। ଏହା ସାଙ୍ଗଠନିକ କାର୍ଯ୍ୟକ୍ରମ ସହ ଉତ୍ସବ କାର୍ଯ୍ୟରେ ବ୍ୟବହାର କରାଯାଇଥାଏ। ଏଥିରୁ ରାଜସ୍ୱ ମଧ୍ୟ ଆଦାୟ ହୋଇଥାଏ। ହେଲେ ଗତ କିଛି ବର୍ଷ ହେଲା ଟାଉନ୍‌ହଲ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିବାବେଳେ ଏହାର ନବୀକରଣ କାର୍ଯ୍ୟ ଚାଲିଛି। ଏହାର ନବୀକରଣପାଇଁ


ପାରଳାଖେମୁଣ୍ଡିସ୍ଥିତ ଟାଉନହଲ ।

୨୧ଲକ୍ଷ ଟଙ୍କା ବ୍ୟୟମଞ୍ଜୁରୀ ହୋଇଥିବାବେଳେ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି ପାଇଁ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ପୌରପରିଷଦ ସୂତ୍ରରୁ ପ୍ରକାଶ। ତେବେ କାର୍ଯ୍ୟରେ ବିଳମ୍ବ ଘଟୁଥିବାରୁ ଏହା ବ୍ୟବହାରଯୋଗ୍ୟ ହୋଇପାରୁନି। ଯଦ୍ୱାରା ସନ୍ଧ୍ୟାରେ ଏହା ପରିସରରେ ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡା ଜମୁଛି। ଏଥିସହ ଦୀର୍ଘ ଦିନ ହେଲା ଏହା ପରିସରକୁ ପାର୍କିଂସ୍ଥଳ ଏବଂ ପରିସ୍ରାଗାରଭାବେ ବ୍ୟବହାର କରାଯାଉଥିବା ନଜରକୁ ଆସିଛି। ଯଦ୍ୱାରା ଏଠାରେ ଏକ ଖରାପ୍ ପରିବେଶ ସୃଷ୍ଟି କରୁଛି। ତେଣୁ ନବୀକରଣ କାର୍ଯ୍ୟ ଶୀଘ୍ର ସାରି ହଲ୍‌କୁ ବ୍ୟବହାରଯୋଗ୍ୟ କରିବା ସହ ଉପଯୁକ୍ତ ପରିଚାଳନା କରାଗଲେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହ ରାଜସ୍ୱ ମଧ୍ୟ ବୃଦ୍ଧି ପାଇବ ବୋଲି ସହରର ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

## ଦୋଳ ଉତ୍ସବ ପ୍ରସ୍ତୁତି

ପାରଳାଖେମୁଣ୍ଡି/ଗୋଷାଣୀ,୪।୩ (ସ୍ୱ.ପ୍ର./ଡି.ଏନ୍.ଏ.)

ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅଧୀନ ଜଙ୍ଗଲପାଡୁ ଗ୍ରାମ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି ଦୋଳ ପର୍ବ। ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନେଇ ନିଷ୍ପତ୍ତି ହୋଇଛି। ଏ ନେଇ ବୁଧବାର ଯଶୋଦାନନ୍ଦନ ମହନ୍ତଙ୍କ ଉପସ୍ଥିତିରେ ଏକ ଭକ୍ତସଭା ଅନୁଷ୍ଠିତ ହୋଇଥିଲା। ୬ରୁ ୯ ତାରିଖ ପର୍ଯ୍ୟନ୍ତ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଠାକୁରଙ୍କ ଗ୍ରାମ ପରିକ୍ରମା, ମଘାପୋଡି ଏବଂ ପୂର୍ଣ୍ଣିମା ଦିନ ମହାପ୍ରଭୁ ଗୌରାଙ୍ଗଙ୍କ ଅଭିଷେକ ଅନୁଷ୍ଠିତ ହେବ। ସେହିପରି ହୋଲି ପର୍ବ ମଧ୍ୟ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

## ଭେଙ୍କଟେଶ୍ୱର ସ୍ୱାମୀଙ୍କ ବ୍ରହ୍ମୋତ୍ସବ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୪।୩(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଶ୍ରୀ ବିଦ୍ୟା ଭେଙ୍କଟେଶ୍ୱର ସ୍ୱାମୀଙ୍କ ବ୍ରହ୍ମୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ତ୍ରିଦିବସୀୟ ଦୀକ୍ଷା ସହ ବ୍ରହ୍ମୋତ୍ସବ କାର୍ଯ୍ୟକ୍ରମରେ ଉଭୟ ବେଦାନ୍ତ ଚାମାର୍ତ୍ତି ଜଗନ୍ନାଲାଚାରୀ ଏବଂ ଚାମାର୍ତ୍ତି ଶ୍ରୀନିବାସ ଆଚାର୍ଯ୍ୟ, ସ୍ଥାନୀୟ ମନ୍ଦିରର ପୂଜକ ଆରାବେଲୀ ଶେଖରାଚାର୍ଯ୍ୟ ନେତୃତ୍ୱ ନେଇଥିଲେ। ଉଦ୍‌ଯାପନୀ ଦିବସରେ ପ୍ରାତଃ ସମୟରେ ଶ୍ରୀ ଜୀଉଙ୍କ ନିତ୍ୟ ଆରାଧନା ସହ ବିଶେଷ ହୋମ, ଅଷ୍ଟୋତ୍ତର ଶତକଳସ ଜଳସ୍ନାନ ଉତ୍ସବ, ଚକ୍ରସ୍ନାନ ଅର୍ଚ୍ଚନା ଓ ମଙ୍ଗଳ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଶ୍ରୀ ଜୀଉଙ୍କ ରଥ ଆରୋହଣ ପୂର୍ବକ ଭ୍ରମଣ ଉତ୍ସବ, ପୁଷ୍ପାୟାଗମ୍ ହୋମ, ପୂର୍ଣ୍ଣାହୁତି, ଧ୍ୱଜା ଅବରୋହଣ, ପଣ୍ଡିତଙ୍କ ସମ୍ମାନ, ବେଦ ଆଶୀର୍ବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ପ୍ରସାଦସେବନର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡି.ଏନ୍. ରାଓ ଏବଂ ତାଙ୍କ ଧର୍ମପତ୍ନୀ ପଦ୍ମା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ


ଉଦଯାପନୀ କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା ଚାଲିଛି ।

ରେଜିଷ୍ଟ୍ରାର ଡ. ଅନୀତା ପାତ୍ର, ଡେପୁଟି ରେଜିଷ୍ଟ୍ରାର ପ୍ରଫେସର ସନ୍ଦୀପନ ପାଇନ, ମ୍ୟାନେଜର ରାମପ୍ରସାଦ ଦାଶ ଉପସ୍ଥିତ ଥିଲେ । ଏଥିସହ ବିଶ୍ୱବିଦ୍ୟାଳୟ ଏବଂ ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲର ଅଧ୍ୟାପିକା ଅଧ୍ୟାପକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଯେଉଁମାନେ ବିନା ପ୍ରତିବାଦରେ ତୁମର ସବୁକଥା ମାନି ଯାଆନ୍ତି, ସେମାନଙ୍କୁ କେବେହେଲେ ବିଶ୍ୱାସ କର ନାହିଁ।
-ଚାଣକ୍ୟ



## ସଂକ୍ଷେପରେ



### କର୍କଟପୀଡ଼ିତ ଶିକ୍ଷକଙ୍କୁ ଆର୍ଥିକ ସହାୟତା

**ଚାନ୍ଦିଲି(କୋଟପାଡ଼), ୪।୩(ଡି.ଏନ୍.ଏ.):** କୋଟପାଡ଼ ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ କର୍କଟ ରୋଗରେ ପୀଡ଼ିତ ଶିକ୍ଷକଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଡମଣାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଭୁରୁସି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଅର୍ଜୁନ ଶିରା ଛଅ ମାସରୁ ଊର୍ଦ୍ଧ୍ୱ ହେବ ମୁଖ କର୍କଟରେ ପୀଡ଼ିତ ହୋଇ କଟକରେ ଚିକିତ୍ସିତ ହେଉଥିଲେ। କିଛିଦିନ ତଳେ ସେ ମାନସିକ ସନ୍ତୁଳନ ହରାଇ ଘର ଛାଡ଼ି କେଉଁଆଡେ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ରାୟଗଡ଼ା ଜିଲାରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କ ଘରେ ବୃଦ୍ଧ ମା' ବାପାଙ୍କ ସହ ସ୍ତ୍ରୀ ଓ ଏକ ବର୍ଷର ଝିଅଟିଏ ରହିଛି। ଦୁର୍ବଳ ଆର୍ଥିକ ସ୍ଥିତି ସାଙ୍ଗକୁ ବ୍ୟୟ ସାପେକ୍ଷ ଚିକିତ୍ସା ଯୋଗୁଁ ତାଙ୍କ ପରିବାର ଭାଙ୍ଗିପଡ଼ିଛନ୍ତି। ଏଭଳି ଦୁଃସମୟରେ ସଂଘ ପକ୍ଷରୁ ସଭାପତି ସନ୍ତୋଷ ଦୁବେ, ଉପଦେଷ୍ଟା ପ୍ରଦୀପ ପ୍ରଧାନ, ସମ୍ପାଦକ ସାଗର ଭଞ୍ଜ, ସହ ସମ୍ପାଦକ ସୋମନାଥ ଅମନାତ୍ୟ, ସାଙ୍ଗଠନିକ ସମ୍ପାଦକ ଧନଞ୍ଜୟ ନାୟକ, ସାମାଜିକ କର୍ମୀ ଗଣେଶ ପଣ୍ଡା ଉପସ୍ଥିତ ରହି ଶିରାଙ୍କୁ ୧୭ ହଜାର ଟଙ୍କାର ସହାୟତା ରାଶି ଦେଇଥିଲେ।

'ଧରିତ୍ରୀ' ପ୍ରଭାବ

### ସ୍କୁଲକୁ ମିଳିଲା ଶିକ୍ଷକ

**ଦଶମନ୍ତପୁର,୪।୩(ଡି.ଏନ୍.ଏ.):** ଦଶମନ୍ତପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ପରେ ସଦରସ୍ଥିତ ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମଧ ଇଂରାଜୀ ବିଦ୍ୟାଳୟରେ ବୁଧବାର ଶିକ୍ଷକ ନିଯୁକ୍ତି ହୋଇଛି। ପୂର୍ବରୁ ଏକବର୍ଷ ହେବ ଶିକ୍ଷକ ଅଭାବ ନେଇ ଅଭିଭାବକ ଓ ପିଲାମାନେ ବହୁବାର ଏବିଇଓଙ୍କୁ ଅଭିଯୋଗ ଜଣାଇ ଆସୁଥିଲେ ମଧ କିଛି ଫଳ ମିଳୁ ନ ଥିଲା। ମାର୍ଚ୍ଚ ୧୭ରେ ପିଲାଙ୍କ ପରୀକ୍ଷା ଥିବାରୁ ଶିକ୍ଷକ ନିଯୁକ୍ତି ଦାବିନେଇ ଗତ ୧୯ ତାରିଖ ଅଭିଭାବକମାନେ ଧାରଣା ଦେଇଥିଲେ। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଚିମିରାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଲଳିତ ସେଠଙ୍କୁ ବୁଧବାର ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି।

### କଂକ୍ରିଟ ରାସ୍ତା ନିର୍ମାଣ ଦାବି



**ଜୟପୁର,୪।୩(ଡି.ଏନ୍.ଏ.):** ଜୟପୁର ବ୍ଲକର କଙ୍ଗା ପଞ୍ଚାୟତର ସାନ ଡୁମୁରାଗୁଡ଼ା ଗ୍ରାମବାସୀ ନୂତନ ଭାବେ କଂକ୍ରିଟ ରାସ୍ତା ନିର୍ମାଣ ଦାବି କରିଛନ୍ତି। ଏନେଇ ସେମାନେ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୁଧବାର ପ୍ରଦାନ କହିଛନ୍ତି। ଗ୍ରାମରେ ଦୀର୍ଘ ବର୍ଷ ହେଲାଣି ରାସ୍ତା ନିର୍ମାଣ ହୋଇନାହିଁ। ଫଳରେ ବର୍ତ୍ତମାନ ରାସ୍ତାରେ ଖାଲଖମା ଯୋଗୁ ଯାତାୟାତରେ ସମସ୍ୟା ହୋଇଛି। ଏନେଇ ୫ ବର୍ଷ ତଳେ ସରପଞ୍ଚଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ହୋଇ ନ ଥିଲା। ତେଣୁ ତୁରନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣିଙ୍କୁ ଗ୍ରାମର ମହିଳା ଓ ପୁରୁଷ ଦାବିପତ୍ର ଦେଇଛନ୍ତି।

### ଜଳିଗଲା ପାଳଗଦା

**ନନ୍ଦପୁର,୪।୩(ଡି.ଏନ୍.ଏ.):** କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥିବା ଗ୍ରାମ ପଂଚାୟତ ପାତ୍ରପଣ୍ଡି ଗ୍ରାମରେ ବୁଧବାର ନିଆଁ ଲାଗିଯିବାରୁ ପାଳଗଦା ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିଶମ ବାହିନୀକୁ ଖବର ଦେବାରୁ ସେମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ପାଳଗଦା ଥିବା ସରପଞ୍ଚ କୌଶଲ୍ୟା ଖୁଂବରଙ୍କ ବୋଲି ଜଣାପଡ଼ିଛି। ନିଆଁ କିପରି ଲାଗିଲା ଜଣାପଡ଼ି ନ ଥିଲେ ମଧ ପାଳଗଦା ଜଳି ଯିବାରୁ ବର୍ଷ ସାରା ଗାଈ ମଇଁଷିଙ୍କ ଖାଇବା ଚିନ୍ତାରେ ରହିଛନ୍ତି ନେଇ ସରପଂଚଙ୍କ ପରିବାର।

# ରାସ୍ତା ପାଇଁ ଧାରଣାରେ ଶତାଧିକ ଲୋକ

## ବୀରଖମ୍ବ ପୀଠକୁ ରାସ୍ତା ନିର୍ମାଣ ଦାବି

**ବୈପାରୀଗୁଡ଼ା,୪।୩(ଡି.ଏନ୍.ଏ.)**

ବୈପାରୀଗୁଡ଼ାରୁ ମା' ବୀରଖମ୍ବ ପୀଠ ଯାଏ ୪ କିମି ରାସ୍ତା ଶୋଚନୀୟ ହୋଇପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ଏହାକୁ ଅଣଦେଖା କରୁଛି। ୨୦ ବର୍ଷ ତଳେ ଉକ୍ତ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ତିଆରି ହୋଇଥିଲା। ଏବେ ବନ ବିଭାଗ ରାସ୍ତାକାମକୁ ବିରୋଧ କରିବାରୁ ତାହା ଅଧାରେ ଅଟକିଛି। ଯେତିକି ରାସ୍ତା ନିର୍ମାଣ ହୋଇଥିଲା, ତାହା ଏବେ ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ପୁନଶ୍ଚ ଅଟକି ଯାଇଥିବା ମୁଖ୍ୟରାସ୍ତାରୁ ବ୍ଲକ ସଦରରୁ ବୀରଖମ୍ବ ଯାଏ ୪ କିମି ରାସ୍ତାର ଅବସ୍ଥା ଏପରି ଯେ, ଖାଲି ପାଦରେ ଚାଲିଚାଲି ଯିବା ମଧ ବିରକ୍ତିକର ଲାଗୁଛି। ଏହି ରାସ୍ତାକୁ ସଂଯୋଗ କରୁଥିବା ଝଡ଼ିଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ୪ କିମି ରାସ୍ତା ମଧ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତା ଦେଇ ପ୍ରତିଦିନ ବୈପାରୀଗୁଡ଼ା ପଞ୍ଚାୟତ ସମେତ ବୋଦାପୁଟ, ଦଶମନ୍ତପୁର, ମାଝିଗୁଡ଼ାର ଶତାଧିକ ଲୋକେ ଯାତାୟତ କରିଥାନ୍ତି। ଏହାଛଡ଼ା ବୀରଖମ୍ବ ପୀଠ ଓ ନୀଳକଣ୍ଠେଶ୍ୱର ମନ୍ଦିରକୁ ମଧ ବହୁସଂଖ୍ୟାରେ ଭକ୍ତ ଓ ପର୍ଯ୍ୟଟକ ଯାଇଥାନ୍ତି। ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ରର ଲୋକେ ଏଠାକୁ ଆସନ୍ତି। ବ୍ଲକ ପ୍ରଶାସନ ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର କହି ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ନେଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତା ସେମାନଙ୍କର ନୁହେଁ ବୋଲି ସଫେଇ ଦେଉଛି। ଶେଷରେ ବାଧହୋଇ ସ୍ଥାନୀୟ ଲୋକେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ରଜନୀକାନ୍ତ ଦାସଙ୍କୁ ଦାବିପତ୍ର ଦେଇଛନ୍ତି। ଚିରାଚରିତ ଶୈଳୀରେ ବିଡିଓ ମାସକ ଭିତରେ ରାସ୍ତା କାମ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରାସ୍ତା ନିର୍ମାଣରେ କଣ୍ଟା ସାଜୁଥିବା ବନ ବିଭାଗ ପକ୍ଷରୁ ଉପରୋକ୍ତ ଅଧିକାରୀଙ୍କଠାରୁ ଅନୁମତି ଆଣିବା ପାଇଁ ସମସ୍ତ ପଦକ୍ଷେପ ନେବାକୁ ବନାଞ୍ଚଳ ଅଧିକାରୀ ଦୁର୍ଗା ମାଧୁରୀ ସେଠୀ ଆଶ୍ୱସନା ଦେଇଛନ୍ତି। ଆଗାମୀ ଦିନରେ ପ୍ରଶାସନ ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଗଣ ସଂଗ୍ରାମ କମିଟି ଚେତାବନୀ ଦେଇଛି।




ଶତାଧିକ ବାସିନ୍ଦା ଧାରଣାରେ ବସିଛନ୍ତି।



ଦାବିପତ୍ର ଦିଆଯାଉଛି।

# ଶ୍ମଶାନ ଉନ୍ନତିକରଣ ପାଇଁ ଦାବିପତ୍ର

**ବୋରିଗୁମ୍ମା,୪।୩(ଡି.ଏନ୍.ଏ.)**

ବୋରିଗୁମ୍ମା ବ୍ଲକ ସଦରରେ ଓପନ ଜିମ ପରିବର୍ତ୍ତେ ରାଜାରାଜୁଡ଼ା ଶ୍ମଶାନର ଉନ୍ନତିକୁ ଅଧିକ ଗୁରୁତ୍ୱ ଦେବା ପାଇଁ ଗ୍ରାମବାସୀ ବିଡିଓ ପ୍ରଣୟ ରଞ୍ଜନ ବେହେରାଙ୍କୁ ଦାବିପତ୍ର ଦେଇଛନ୍ତି। କୋରାପୁଟ ଜିଲାପାଳ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ନରେନ୍ଦ୍ର ବିଶୋଇ, ଜୟପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଗନ୍ତାୟତ, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ ଓ ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧି କେଶବ ପଣ୍ଡାଙ୍କୁ ମଧ ଦାବିପତ୍ରର ନକଲ ଦିଆଯାଇଛି। ବୋରିଗୁମ୍ମା ସହର ଦିନକୁ ଦିନ ବିକଶିତ ହେଉଥିବା ବେଳେ ଏଠାରେ ଥିବା ଐତିହାସିକ ମନ୍ଦିର, ପୋଖରୀର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ମିଳିତ ପ୍ରୟାସ ଆରମ୍ଭ କରିଛନ୍ତି। ଏହି କ୍ରମରେ ଗ୍ରାମର ପୁରାତନ ରାଜାରାଜୁଡ଼ା ଅମଳର ଶ୍ମଶାନର ଉନ୍ନତି ପାଇଁ ସ୍ୱର୍ଗଦ୍ୱାର ଉନ୍ନତି କମିଟି ଗଠନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଗ୍ରାମବାସୀ ତଥା ସ୍ୱର୍ଗଦ୍ୱାର ଉନ୍ନତି କମିଟି ସଭାପତି ପରୀକ୍ଷିତ ପଟ୍ଟନାୟକ, ଉପସଭାପତି ଏଲ୍. ନାରାୟଣ ରାଓ, ସମ୍ପାଦକ ବି. ତାତାଜୀ, କେ. କ୍ରିଷ୍ଣା ପ୍ରସାଦ ଦୋରା, ସୁବାସ ଚନ୍ଦ୍ର ନାୟକ, ପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ବିବେକାନନ୍ଦ ପଟ୍ଟନାୟକ, ଶଙ୍କର ମହାନ୍ତି, ସରବ ଦୋରା ଉପସ୍ଥିତ ଥିଲେ।

# ଟିକସ ଫାଙ୍କୁଥିଲେ, ୩ ଗିରଫ

## ବିସ୍ଫୋରକ କଣ୍ଟେନର ଜବତ ମାମଲା



ଗିରଫ ହୋଇଥିବା ୩ ଅଭିଯୁକ୍ତ।

### ଗାଡ଼ିରେ ନ ଥିଲା ଫାୟାର ସେଫ୍ଟି, ନ ଥିଲେ ସୁରକ୍ଷାକର୍ମୀ

ହାଇଦ୍ରାବାଦରୁ ମାଲକାନଗିରି ଜିଲା କୋରୁକୋଣ୍ଡାର ଏକ କ୍ରଶରକୁ ଏହି ବିସ୍ଫୋରକ ଚାଲାଣ ହେଉଥିଲା। ଚାଲାଣ ବେଳେ ଗାଡ଼ିରେ ଫାୟାର ସେଫ୍ଟି ନ ଥିଲା କି ନ ଥିଲେ ସୁରକ୍ଷାକର୍ମୀ। ସବୁଠାରୁ ବଡ଼କଥା ହେଲା ଜିଏସ୍‌ଟି ଫାଙ୍କିବା ପାଇଁ ସୀମାଞ୍ଚଳ ସାବତଙ୍କ ନାମରେ ବେଆଇନ କାଗଜପତ୍ରରେ ବିସ୍ଫୋରକ ଚାଲାଣ କରୁଥିଲେ ବିଶ୍ୱନାଥ ରେଡ୍ଡୀ। ଏହି ଘଟଣାରେ ଅନ୍ୟ ବହୁ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ବେଳେ ତାହାର ତଦନ୍ତ ଚାଲିଛି।

**ଜୟପୁର,୪।୩ (ଡି.ଏନ୍.ଏ./ନି.ପ୍ର.)**

ଜୟପୁର ଟାଉନଥାନା ପୋଲିସ ଗତ ସୋମବାର ବିସ୍ଫୋରକ କଣ୍ଟେନର ଜବତ ହେବାର ଦୁଇଦିନ ପରେ ଏହା ଉପରୁ ପରଦା ହଟାଇଛି। ମାଓବାଦୀଙ୍କୁ ଯୋଗାଇବା କିମ୍ବା ଅନ୍ୟ ଯେଉଁ ଆଶଙ୍କା କରାଯାଉଥିଲା, ତାହାର ଅବସାନ ଘଟିଛି। କେବଳ ବିକ୍ରିକର ଟିକସ ଫାଙ୍କିବା ପାଇଁ ଏଭଳି ବିସ୍ଫୋରକ ସାମଗ୍ରୀ କ୍ରୟ ସହ ପରିବହନ ହେଉଥିବା ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଜୟପୁର ଏସ୍‌ଡିପିଓ ଧୀରେନ ସ୍ୱାଇଁ। ଏଥିରେ ତେଲେଙ୍ଗାନା ମେଡଚାଲ ଜିଲା ଘାକଟେଶ୍ୱର ଥାନାର କଣ୍ଟେନର ଡ୍ରାଇଭର ଜି. ଶିବକୁମାର (୩୦), ହେଲପର ଭି. ସୁଧାକର (୩୫) ଓ ମାଲକାନଗିରି ଜିଲା ମୋଟୁର ଡି. ବିଶ୍ୱନାଥ ରେଡ୍ଡୀ (୪୫) ଗିରଫ ହୋଇଛନ୍ତି। ଜବତ କଣ୍ଟେନର (ଟିଏସ୍୦୮ ଏୟୁ ୧୨୫୧)ରୁ ୨୦୦ ପ୍ୟାକେଟରେ ୫ ଟନ ବିସ୍ଫୋରକ, ବିସ୍ଫୋରଣରେ ବ୍ୟବହୃତ ତାର ଜବତ କରାଯାଇଛି। ମାଲକାନଗିରି ଜିଲା କୋରୁକଣ୍ଡାର ସିଙ୍ଗାସିନି କ୍ରଶନର ନାମରେ ଏହି ସାମଗ୍ରୀ ବିଲ୍ ରହିଥିଲା। ପୋଲିସ କ୍ରଶର ମାଲିକ ସୀମାଞ୍ଚଳ ସାବତଙ୍କୁ ଅଟକ ରଖି ପଚରାଉଚରା ବେଳେ ତାଙ୍କ ଅଗୋଚରରେ କ୍ରଶର ବିକ୍ରିକର ବିଭାଗର ଟିନ ନମ୍ବରକୁ ଜାଲ ଭାବେ ବ୍ୟବହାର କରି ଏହି ବିସ୍ଫୋରକ କିଣାଯାଇଥିବା ଲିଖିତ ଅଭିଯୋଗ କରିଛନ୍ତି। ଉପରୋକ୍ତ ୩ ଅଭିଯୁକ୍ତଙ୍କ ବିରୋଧରେ ଦଫା ୪୨୦, ୪୬୮, ୪୭୧ ଓ ୩୪ ଆଇପିସି, ବିସ୍ଫୋରକ ନିରୋଧୀ ଧାରା ୪,୫,୬ ଅନୁଯାୟୀ ଏକ ମାମଲା (୫୮/୨୦) ରୁଜୁ କରାଯାଇଛି।

## ୮୩ କେଜି ପଲିଥିନ ଜବତ

# ୧୫ ହଜାର ଜରିମାନା

**ଜୟପୁର,୪।୩(ଡି.ଏନ୍.ଏ./ନି.ପ୍ର.)**

ଜୟପୁର ପୌରସଂସ୍ଥା ପକ୍ଷରୁ ସ୍ଥାନୀୟ ଭୂପତି ସାହିସ୍ଥିତ ଏକ ବେଆଇନ ଗୋଦାମ ଉପରେ ଚଢ଼ାଉ କରାଯାଇ ୮୩ କିଲୋଗ୍ରାମ ପଲିଥିନ ଗ୍ଲାସ, ପ୍ଲେଟ ଓ ଅନ୍ୟ ସାମଗ୍ରୀ ଜବତ ହୋଇଛି। ଏଥିରେ ୧୫ ହଜାର ଟଙ୍କା ଜରିମାନା କରାଯାଇଛି। ମଧ୍ୟାହ୍ନରେ ଭୂପତି ସାହି ଅଞ୍ଚଳରେ ଡି. ଶ୍ରୀନିବାସ ରାଓଙ୍କ ଗୋଦାମରେ ପଲିଥିନ ସାମଗ୍ରୀ ଗଚ୍ଛିତ ଥିବା ଖବର ପାଇ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟଙ୍କ ନେତୃତ୍ୱରେ ପୌର କର୍ମଚାରୀ ଓ ପୋଲିସ ଟିମ୍ ଚଢ଼ାଉ କରିଥିଲେ। ଗୋଦାମ ଗୃହ ଖୋଲିବା ବେଳେ ଭିତରେ ଏହି ସାମଗ୍ରୀ ସବୁ ଜବତ କରାଯାଇଥିଲା। ସମସ୍ତ ଜବତ ସାମଗ୍ରୀ ପୌରସଂସ୍ଥା କାର୍ଯ୍ୟାଳୟକୁ ଅଣାଯାଇଛି। ଏହାକୁ ନଷ୍ଟ କରାଯିବ ଓ ଆଗାମୀ ଦିନରେ ଚଢ଼ାଉ ଜାରି ରହିବ ବୋଲି ପୌରନିର୍ବାହୀ ଅଧିକାରୀ ସାମନ୍ତରାୟ ପ୍ରକାଶ କରିଛନ୍ତି ।

# ନେର୍କାଗୁଡ଼ାରେ ମିଳିମିଳା, ୮ ଆକ୍ରାନ୍ତ

**ଦଶମନ୍ତପୁର,୪।୩(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ଅଧୀନସ୍ଥ ନେର୍କାଗୁଡ଼ା ଗାଁରେ ମିଳିମିଳା ବ୍ୟାପିଛି। ଗ୍ରାମର ନକୁଳ ପରଜା, ମଙ୍ଗଳି ପରଜା, ଚମ୍ପା ପରଜା, ଛୋଟା ଜାନୀ, ମକର ପରଜା, ମନ ପରଜା ଓ ସନାଇ ପରଜା କିଛି ଦିନ ହେବ ମିଳିମିଳାରେ ଆକ୍ରାନ୍ତ ହୋଇଛନ୍ତି। କିନ୍ତୁ ସେମାନେ ଚିକିତ୍ସାଳୟକୁ ନ ଯାଇ ଧୂପ, ଝୁଣା, କ୍ଷୀର ଓ ଚେରମୂଳି ଔଷଧ ସେବନ କରୁଛନ୍ତି, କିନ୍ତୁ ରୋଗର ନିରାକରଣ ହେଉନାହିଁ। ସେଠାରେ ସ୍ୱାସ୍ଥ୍ୟ ବିଭାଗର ଭ୍ରାମ୍ୟମାଣ ଟିମ୍ ପହଞ୍ଚି ରୋଗୀଙ୍କ ଚିକିତ୍ସା କରିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି। ଏ ସଂପର୍କରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅବିନାଶ ବାରିକ ଗୁରୁବାର ଏମ୍‌ଏଚ୍‌ୟୁ ଟିମ୍ ପଠାଇ ଗାଁରେ ଚିକିତ୍ସା ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି।

# ବର୍ଷା ପରେ ରାସ୍ତାରେ ଜମିଲା ପାଣି



କଟିକା ସାହି ରାସ୍ତାରେ ପାଣି ଜମି ରହିଛି।

**ଗୁଣପୁର,୪।୩(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ସହରରେ ବୁଧବାର ଅପରାହ୍ନରେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ପରେ ରାସ୍ତାରେ ପାଣି ଜମି ରହିଥିଲା। ପାଣି ନିଷ୍କାସନ ହୋଇ ନପାରିବାରୁ ରାସ୍ତାରେ କୃତ୍ରିମ ବନ୍ୟା ପରିସ୍ଥିତି ଦେଖା ଦେଇଥିଲା। ଏଥିଯୋଗୁ କଟିକା ସାହି ସହ ଅନ୍ୟ କେତେକ ଅଞ୍ଚଳରେ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଥିଲେ।

# ଏପ୍ରିଲ ୯ରେ ପରବର୍ତ୍ତୀ ଶୁଣାଣି

## କେସିସି ବ୍ୟାଙ୍କରେ ୬ କୋଟିର ଦୁର୍ନୀତି ଅଭିଯୋଗ

**ଜୟପୁର,୪।୩(ଡି.ଏନ୍.ଏ.)**

କୋରାପୁଟ କେନ୍ଦ୍ରିୟ ସମବାୟ ବ୍ୟାଙ୍କ (କେସିସିବି)ରେ ଗତ ତିନିବର୍ଷରେ ୬କୋଟି ଟଙ୍କାର ଦୁର୍ନୀତି ହୋଇଛି। ଏ ନେଇ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ମାମଲା ରହିଥିବା ବେଳେ ବୁଧବାର ଆୟୁକ୍ତଙ୍କ ନିକଟରେ ପ୍ରତିପକ୍ଷ ହାଜର ହୋଇ ସମସ୍ତ ତଥ୍ୟ ରଖିବାକୁ ପୂର୍ବରୁ ନୋଟିସ ହୋଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ପକ୍ଷରୁ ନିଯୁକ୍ତ ଆଇନଜୀବୀ ୨ମାସ ସମୟ ପାଇଁ ଆବେଦନ କରିଥିଲେ ମଧ ଲୋକାୟୁକ୍ତ କେବଳ ଏକ ମାସ ୫ଦିନ ସମୟ ଦେଇଛନ୍ତି। ସେହି ଅନୁସାରେ ଏପ୍ରିଲ ୯ରେ ପରବର୍ତ୍ତୀ ଶୁଣାଣି ହେବ।

ଉଲ୍ଲେଖଯୋଗ୍ୟ, ୨୦୧୫-୧୬, ୨୦୧୬-୧୭ ଓ ୨୦୧୭-୧୮ରେ କେସିସି ବ୍ୟାଙ୍କରେ ବିଭିନ୍ନ ଖର୍ଚ୍ଚ ଦର୍ଶାଇ ୬ କୋଟି ୨ଲକ୍ଷ ୮୮୭୦ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। କୋରାପୁଟ ସଦର ଗାନ୍ଧି ନଗରର ବାସିନ୍ଦା ମନୋଜ ବାହିନୀପତି ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିବା ପରେ ଗତ ଡିସେମ୍ବର ୩୧ରେ ଏକ ମାମଲା (ଏଲୱାଇ ୧୧୩୦/୧୯) ରୁଜୁ ହୋଇଥିଲା। ଏଥିରେ ବ୍ୟାଙ୍କ ପରିଚାଳନା କମିଟି ସଭାପତି, ସଂପାଦକ ଓ କ୍ରୟ ଦାୟିତ୍ୱରେ ଥିବା ଜଣେ ସହକାରୀ ମ୍ୟାନେଜରଙ୍କୁ ଦାୟୀ କରାଯାଇଥିଲା। ଗତ ୩ ବର୍ଷରେ ୬ କୋଟି ୨ ଲକ୍ଷ ୮ ହଜାର ୮୦୭ ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ନେଇ ପୂର୍ବରୁ ଲୋକପାଳ ତଥା ଲୋକାୟୁକ୍ତ ବିଲ ୨୦୧୩ ଅନୁଯାୟୀ ମାମଲା ହୋଇଥିଲା। କିନ୍ତୁ ୨୦୧୪ରେ ନୂତନ ବିଲ ପାର୍ଲାମେଣ୍ଟରେ ମଞ୍ଜୁର ହେବା ପରେ ଅଭିଯୋଗକାରୀଙ୍କୁ ନୂତନ ଧାରା ଅନୁଯାୟୀ ମାମଲା ରୁଜୁ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ସେହି କ୍ରମରେ ପୁନର୍ବାର ଗତ ଡିସେମ୍ବରରେ ମାମଲା ରୁଜୁ ପରେ ବୁଧବାର ଏହାର ପ୍ରଥମ ଶୁଣାଣି ହୋଇଥିଲା।

## ୬୮ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

**ମୁନିଗୁଡା,୪।୩(ଡି.ଏନ୍.ଏ.)**

ମୁନିଗୁଡା ନିକଟସ୍ଥ ହାଟମୁନିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ସହକାରୀ ଶିକ୍ଷକ ଉଦୟଚନ୍ଦ୍ର ଲାବଲାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଷମକଟକ ବ୍ଲକ ଶିକ୍ଷାଧିକାରୀ ଜୟଚନ୍ଦ୍ର ପାଠୀ ଓ ସିଆରସିସି ହେମନ୍ତ କୁମାର ପଣ୍ଡା ଯୋଗଦେଇ ଥିଲେ। ଆଜିକା ସମୟରେ ଆତ୍ମରକ୍ଷା ତାଲିମ ସମସ୍ତଙ୍କ ପାଇଁ ଜରୁରୀ ବୋଲି ଅତିଥିମାନେ କହିଥିଲେ। ୬୮ ଜଣ ଛାତ୍ରୀ ତାଲିମ ନେଇଥିଲେ। ପ୍ରଶିକ୍ଷକ ରଶ୍ମିତା ହିଆଲ ଓ ସ୍ୱାଧୀନତା ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଆରତୀ କୁମାରୀ ମିଶ୍ର, ସହକାରୀ ଶିକ୍ଷୟିତ୍ରୀ ମିନତୀ କୁମାରୀ ଗୌଡ଼, ସୁଚିସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଉଦୟଚନ୍ଦ୍ର ଲାବଲା ଧନ୍ୟବାଦ ଦେଇଥିଲେ।

# ରୋଗୀ-ସମ୍ପର୍କୀୟଙ୍କଠାରୁ ଗୁଟ୍‌ଖା ମିଳିଲେ ୨୦୦ ଟଙ୍କା ଦଣ୍ଡ

**ଜୟପୁର,୪।୩(ଡି.ଏନ୍.ଏ.)**

ଜୟପୁର ଜିଲା ଚିକିତ୍ସାଳୟ ପରିସରକୁ ଗୁଟଖା, ପାନ, ପୁଡିଆ ଓ ବିଭିନ୍ନ ଧୂମପାନ ସାମଗ୍ରୀ ଅଣାଯାଉଥିବା ଉପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ବୁଧବାର ଯାଞ୍ଚ କରିଛି। ଜିଲା ସ୍ୱାସ୍ଥ୍ୟ ଧୂମପାନ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇ ରୋଗୀଙ୍କ ସହ ସହାୟକ ଭାବେ ଆସିଥିବା ସାଧାରଣ ଲୋକଙ୍କ ନିକଟରୁ ପାନ, ପୁଡିଆ, ଗୁଟଖା, ସିଗାରେଟ ଓ ବିଡି ବାହାର କରାଯାଇଥିଲା। ପରେ ସେ ସବୁ ନଷ୍ଟ କରାଯାଇଛି । ପ୍ରଥମଥର ପାଇଁ ଏହି ଚଢ଼ାଉ ଓ ଯାଞ୍ଚ ହୋଇଥିଲା। ଆଗାମୀ ଦିନରେ ଡାକ୍ତରଖାନାରେ ଲୋକଙ୍କ ନିକଟରୁ ଏଭଳି ସାମଗ୍ରୀ ମିଳିଲେ ୨୦୦ ଟଙ୍କା ଲେଖାଏଁ ଜରିମାନା କରାଯିବ। ସହରରେ ଗୁଟଖା ଓ ଧୂମପାନ ବିକୁଥିବା ଦୋକାନ ଉପରେ ପୋଲିସ, ଡ୍ରଗ୍ ଓ ଅବକାରୀ, ପୌରସଂସ୍ଥା ମିଳିତ ଭାବେ ପ୍ରତ୍ୟେକ ମାସରେ ଦୁଇଥର ଚଢ଼ାଉ କରିବେ ବୋଲି ସିଡିଏମ୍‌ଓ ଡା. ମକରାନନ୍ଦ ବେହେରା ପ୍ରକାଶ କରିଛନ୍ତି।

# ୯୫ ଦିନର ମଜୁରି ମିଳୁନି, ବୈଠକରେ ଉଦ୍‌ବେଗ

**କୁନ୍ଦୁରା,୪।୩(ଡି.ଏନ୍.ଏ.)**

## ପଞ୍ଚାୟତ ସମିତି ବୈଠକ

■ ଆବାସ, ରାସ୍ତା, ପାନୀୟ ଜଳ ଉପରେ ଗୁରୁତ୍ୱ

କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ବୁଧବାର ବ୍ଲକ ଅଧକ୍ଷ ସୁରେନ୍ଦ୍ର ପରଜାଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୁନ୍ଦୁରା ବ୍ଲକର ନିର୍ମାଣ ତଥା ବିଭିନ୍ନ ସ୍ଥାନକୁ ସଂଯୋଗ ହୋଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା, ପୂର୍ତ୍ତ ବିଭାଗ ରାସ୍ତା, ଖରାଦିନ ହୋଇଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା, ବେଆଇନ ଭାବେ ଚାଲାଣ ହେଉଥିବା ୩୦ ଟନ୍ ବୋଝେଇ ଭାରୀଯାନ ଚଳାଚଳ ପ୍ରସଙ୍ଗ ଉଠିଥିଲା। ଏଭଳି ଭାରୀଯାନ ଚଳାଚଳ ଯୋଗୁ ରାସ୍ତା ଖରାପ ହେବା ସହ ପାର୍ଶ୍ୱସ୍ଥ ଡ୍ରେନ୍ ଓ ଘରକାନ୍ଥ ଫାଟିଯାଉଛି। ଏହାକୁ ବନ୍ଦ କରିବା ପାଇଁ ତହସିଲଦାର ଆୟୁବ ମଣ୍ଡଳଙ୍କୁ କହିଥିଲେ ଜିଲା ବିଜେଡି ଉପସଭାପତି ସଞ୍ଜୟ ସାହୁ। ତା' ସହ ବାହାର ବ୍ଲକରୁ ୧୦ଚକିଆ ଭାରୀଯାନର ମାଲିକମାନେ ନିଜର ଗାଡ଼ି ପଠାଇ ବାଲି ବ୍ୟବସାୟ କରୁଥିବା ସୂଚନା ରହିଛି। କୁନ୍ଦୁରା ବ୍ଲକରେ ରହିଥିବା ବିଭିନ୍ନ ଅଞ୍ଚଳର ୧୦ ବର୍ଷରୁ ଊର୍ଦ୍ଧ୍ୱ ପିଏମ୍‌ଜିଏସ୍‌ୱାଇ ରାସ୍ତାର ରକ୍ଷଣାବେକ୍ଷଣ ଓ କିଛି ସ୍ଥାନରେ ପିଏମ୍‌ଜିଏସ୍‌ୱାଇ ରାସ୍ତା ନୂତନ ଭାବେ ସଂଯୋଗୀକରଣ କରାଯିବା ନେଇ ରାଜ୍ୟ ସରକାରଙ୍କଠାରୁ ମଞ୍ଜୁର ହୋଇଥିବା ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ କେଉଁ କେଉଁ ସ୍ଥାନରେ ହେବ ସମସ୍ତଙ୍କୁ କହିଛନ୍ତି। ସେହିଭଳି ଭାବେ କୁନ୍ଦୁରା ବ୍ଲକରେ ହୋଇଥିବା ୨୦୧୬-୧୭ରୁ ଆବାସ ଯୋଜନାରେ ୯୫ ଦିନର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ପ୍ରାପ୍ୟ ମିଳୁ ନ ଥିବା ଲୋକ ପ୍ରତିନିଧିମାନେ ବିରକ୍ତି ପ୍ରକାଶ କରିଥିଲେ। ଚଳିତ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ହେଉ ନ ଥିବାବେଳେ ସେମାନଙ୍କର କାର୍ଯ୍ୟାଦେଶ ଅନୁଯାୟୀ ୧ ଲକ୍ଷ ୩୦ ହଜାର ଟଙ୍କା ନେଣଦେଣ ପାଇଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପାଖାପାଖି ୧୬୦୦୦ ଟଙ୍କା ବର୍ଷ ବର୍ଷ ଧରି ମିଳୁ ନ ଥିବା ନେଇ ପ୍ରଶାସନକୁ ଦାୟୀ କରିଥିଲେ। ଏହାସହ କୁନ୍ଦୁରା ବ୍ଲକର ୧୬ଟି ପଞ୍ଚାୟତରେ ୯୫୩ ନଳକୂପ ଓ ପାନୀୟଜଳ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଯେଉଁ ସ୍ଥାନରେ ଅସୁବିଧା ରହିଛି କିମ୍ବା ଆବଶ୍ୟକ ରହିଛି, ସେହି ସ୍ଥାନରେ ଅତିଶୀଘ୍ର ୭ ଦିନ ଭିତରେ ପୂରଣ କରାଯିବା ନେଇ କନିଷ୍ଠ ଯନ୍ତ୍ରୀ ଅଜୟ ମାଝିଙ୍କୁ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା ନିର୍ଦ୍ଦେଶ ଦେଇଛନ୍ତି। ଖରାଦିନ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ସହ ଗାଈଗୋରୁଙ୍କ ପାଇଁ ପାଣିପିଆ ଲାଗି ଝରଣାର ରକ୍ଷଣାବେକ୍ଷଣ, ଚେକଡ୍ୟାମ୍ ଓ ପୋଖରୀ ସଜାଡିବାକୁ ଲୋକ ପ୍ରତିନିଧିମାନେ ପ୍ରଶାସନକୁ କହିଥିଲେ। ବନ ବିଭାଗ ଦ୍ୱାରା ବିଭିନ୍ନ ସମୟରେ ଗୁରୁତ୍ୱ କରାଯାଉଥିବା ବେଳେ କ୍ଷଣସ୍ଥାୟୀ ତଥା ନୀଳଗିରି, ଆକାଶିଆ ଭଳି ଜଳଶୋଷଣକାରୀ ଚାରା ରୋପଣ ନକରି ମହୁଲ, ତେନ୍ତୁଳି, ଆମ୍ବ ଭଳି ଦୀର୍ଘଜୀବୀ ଗଛ ଲଗାଇବାକୁ ବନ ବିଭାଗ ରେଞ୍ଜର ବିଶ୍ୱନାଥ ମାଣ୍ଡିଙ୍ଗାଙ୍କୁ ପ୍ରସ୍ତାବ ଦିଆଗଲା। ପୂର୍ତ୍ତ ବିଭାଗ ରାସ୍ତାର ବିଭିନ୍ନ ସ୍ଥାନରେ ରକ୍ଷଣାବେକ୍ଷଣର ଆବଶ୍ୟକ ରହିଥିବା ନେଇ ଅନ୍ୟ କିଛି ସ୍ଥାନରେ ନୂତନ ରାସ୍ତାର ସଂଯୋଗୀକରଣ ପାଇଁ ପଞ୍ଚାୟତ ସମିତି ତରଫରୁ ପ୍ରସ୍ତାବ ଆଗତ କରାଯାଇଥିଲା। ଉପସ୍ଥିତ ସରପଞ୍ଚମାନେ ନିଜ ଅଞ୍ଚଳରେ ରହିଥିବା ଆବାସ ଯୋଜନା, ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା ବିଷୟରେ କହିବା ସହ ଅଞ୍ଚଳରେ ନୂତନ ଭାବେ ବିଭିନ୍ନ ସ୍ଥାନରେ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣର ଆବଶ୍ୟକତା ରହିଥିବା ବିଷୟରେ ଲିଖିତ ଭାବେ ଯନ୍ତ୍ରୀଙ୍କୁ କହିଥିଲେ। କୁନ୍ଦୁରା ବ୍ଲକ ପାଇଁ ପ୍ରତିବର୍ଷ କରାଯାଉଥିବା ଆବାସ ଯୋଜନା ଅପେକ୍ଷା ଚଳିତ ୨୦୧୯-୨୦ରେ ମଞ୍ଜୁର ଆବାସ ନିର୍ମାଣ କରିବାରେ ପଛୁଆ ରହିଥିବା ସୂଚନା ରହିଛି। ବୈଠକରେ ବିଡିଓ ସ୍ନେହପ୍ରଭା ମାଝି, ତହସିଲଦାର ଆୟୁବ ମଣ୍ଡଳ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଥିବା ଲୋକ ପ୍ରତିନିଧି ଓ ଅଧିକାରୀମାନେ।

# ମାମଲା ରୁଜୁ ପରେ ମିଳୁନି ନ୍ୟାୟ

- ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଲକ୍ଷ୍ମୀନାଥ
- ନବରଙ୍ଗପୁର ଆରଟିଓଙ୍କ ବିରୋଧରେ ରୁଜୁ ହୋଇଛି ମାମଲା

ନବରଙ୍ଗପୁର,୪।୩(ବି.ପ୍ର.)

ରାଜ୍ୟର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ୫-ଟି ରେ ସାମିଲ କରାଯାଇଛି । ଦଲାଲମୁକ୍ତ କରିବା ପାଇଁ ସରକାର ଚିନ୍ତା କରୁଛନ୍ତି। କିନ୍ତୁ ନବରଙ୍ଗପୁର ଆରଟିଓ ଗଣେଶ୍ୱର କଅଁର ଜଣେ ଯୁବକ ଲକ୍ଷ୍ମୀନାଥ ହରିଜନ ଓରଫ ଆକାଶଙ୍କ ଠାରୁ ୩୦ ହଜାର ଟଙ୍କା ନିଯୁକ୍ତି ପାଇଁ ନେଇଥିବା ଭିଡିଓ ଭାଇରାଲ ଏବଂ ଆରଟିଓ ଧମକ ଦେଉଥିବା ଭିଡିଓ ପୋଲିସ ନିକଟରେ ଦାଖଲ ହୋଇ ସାରିଛି । ଲକ୍ଷ୍ମୀନାଥଙ୍କ ଅଭିଯୋଗ କ୍ରମେ ନବରଙ୍ଗପୁର ଥାନାରେ ୨୨ ତାରିଖରେ ଆରଟିଓଙ୍କ ବିରୋଧରେ ମାମଲା ରୁଜୁ ହୋଇ ସାରିଛି । ତେବେ ଲକ୍ଷ୍ମୀନାଥଙ୍କୁ ନ୍ୟାୟ ମିଳୁନାହିଁ କି ବକେୟା ଦରମା ମଧ୍ୟ ମିଳୁନାହିଁ ବୋଲି ଏସପି ନିତିନ କୁସଲକରଙ୍କ ନିକଟରେ ଲକ୍ଷ୍ମୀଧର ହରିଜନ ଲିଖିତ ଭବେ ଜଣାଇଛନ୍ତି। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ୫-ଟି ଓ ମୋ'ସରକାରରେ ଅଧିକାରୀଙ୍କୁ ଅନୁକମ୍ପା ଦେଖାଯାଉଥିବା ଅଭିଯୋଗ ହେଉଛି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧିନ ବଡକୁମୁଲି ଗାଁର ଲକ୍ଷ୍ମୀନାଥ ହରିଜନ ଆଞ୍ଚଳିକ ପରିବହନ ଅଧିକାରୀ ଗଣେଶ୍ୱର କଅଁରଙ୍କ ବିରୋଧରେ ଏତଲା ଦେଇଥିଲେ । ଏଥିରେ ଦର୍ଶାଇଥିଲେ ଯେ ୨୦୧୭ରେ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ପାଇଁ ଆରଟିଓ ୩୦ ହଜାର ଟଙ୍କା ଲାଞ୍ଚ ନେଇଥିଲେ । ଏହା ପରେ ସ୍ଥାୟୀ ଚାକିରୀ ଓ ବକେୟା ଦରମା କରାଇ ଦେବା ପାଇଁ ପରବର୍ତ୍ତୀ ସମୟରେ ୪୦ ହଜାର ଟଙ୍କା ଏକ ବ୍ୟାଙ୍କ ଆକାଉଣ୍ଟ ନଂ. ୨୦୨୦୭୩୦୫୦୯୦ରେ ଜମା କରିବାକୁ କହିଥିଲେ। ଏହା ୨୦୧୯ ନଭେମ୍ବର ୧୪ ତାରିଖରେ ଲକ୍ଷ୍ମୀନାଥ ଜମା କରିଥିଲେ୧୬ ମାସ ହେବ ଦରମା ଦିଆଯାଇ ନାହିଁ । ଦରମା ପାଇଁ ଗୁହାରି କଲେ ଆରଟିଓ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି । ସ୍ଥାୟୀ ଚାକିରି କରାଇ ଦେବା ପାଇଁ ଟଙ୍କା ଠକି ନେଇଛନ୍ତି । ଦରମା ପ୍ରଦାନ କରୁନାହାନ୍ତି ଓ ନେଇଥିବା ଅର୍ଥ ଫେରାଉ ନାହାନ୍ତି। ଲକ୍ଷ୍ମୀନାଥଙ୍କ ଅଭିଯୋଗ କ୍ରମେ ନବରଙ୍ଗପୁର ଥାନାରେ ନଂ ୪୮/୨୦ରେ ମାମଲା ରୁଜୁ ହୋଇଥିଲା। ତେବେ ବର୍ତ୍ତମାନ ଯାଏ ଆରଟିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ନ୍ୟାୟ ନ ମିଳିବାରୁ ସେ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଏସପି ପ୍ରମାଣ ମାଗିଥିବାରୁ କିଛି ପ୍ରମାଣ ଲକ୍ଷ୍ମୀଧର ଦେଇଛନ୍ତି । ଲର୍ଣ୍ଣିଂ ଲାଇସେନ୍ସ ଓ ଗାଡି କାର୍ଯ୍ୟାଳୟକୁ ନଆସି କିଭଳି ପଞ୍ଜିକରଣ ହୋଇପାରୁ ଥିଲା ଏଥିପାଇଁ କିଭଳି କାରବାର ଚାଲିଥିଲା ସେ ବିଷୟରେ ମଧ୍ୟ ଜଣାଇଛନ୍ତି। ତେବେ ସମସ୍ତ ପ୍ରମାଣ ରଖିଛି ଓ ତାହା ଆବଶ୍ୟକ ସ୍ଥଳେ ଉପସ୍ଥାପନ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ୭୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



କୋରୁକୋଣ୍ଡା, ୪।୩(ଡି.ଏନ.ଏ)
ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରି ୭୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ କାଲା ସୋଡି(୨୫)। ଓ ପୁରୁଣା ଚିମଟାପାଲି ପଞ୍ଚାୟତ ଅଞ୍ଚଳରେ ତାଙ୍କ ଘର ବୋଲି ଜଣାପଡିଛି। ମଙ୍ଗଳବାର ରାତ୍ରିରେ କୃଷ୍ଣା କୁମାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ବାଇକ (ଓଆର୧୦ଇ- ୬୩୨୭)ରେ କାଲା ଆସୁଥିବା ଦେଖି ତାଙ୍କୁ ସନ୍ଦେହରେ ପୋଲିସ କର୍ମଚାରୀମାନେ ଅଟକାଇଥିଲେ। ତାଙ୍କୁ ଯାଞ୍ଚ କରିବାରୁ ତାଙ୍କ ପାଖରୁ ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ତେବେ ଏହି ଘଟଣାରେ ଆଉ ୨ଜଣ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ଏହି ଗଞ୍ଜେଇ ତେନ୍ତୁଳିଗୁଡାରୁ କାଲିମେଳା ଦେଇ ଛତିଶଗଡ଼କୁ ଚାଲାଣ ହେଉଥିଲା ବୋଲି ତଦନ୍ତକାରୀ ଅଧିକାରୀ ନୀଳାଦ୍ରି ବିଶ୍ୱାଳ କହିଛନ୍ତି। ଅଭିଯୁକ୍ତ କାଲାଙ୍କୁ ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏହାର କେସ୍ ନଂ. ୪୩/୨୦ ବୋଲି ଥାନା ଧିକାରୀ ଜଗଦୀଶ ବାରା ସୂଚନା ଦେଇଛନ୍ତି।

### ଯୁକ୍ତ୨ ପରୀକ୍ଷା ଦ୍ୱିତୀୟ ଦିବସରେ ୧୭ ଅନୁପସ୍ଥିତ

ପଡିଆ,୪।୩(ଡି.ଏନ.ଏ.)-ମାଲକାନଗିରି ଜିଲା ପଡିଆ ବ୍ଲକସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟରେ ଦ୍ୱିତୀୟ ଦିବସର ଯୁକ୍ତ ୨ କଳା ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ବୁଧବାର ଓଡିଆ ପରୀକ୍ଷା ହୋଇଥିଲା। ୧୯୭ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ୧୭ ଜଣ ଅନୁପସ୍ଥିତ ଥିଲେ। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ମୁଣ୍ଡାରୀ ଉପସ୍ଥିତ ଥିବା ବେଳେ ସୁପରିଟେଣ୍ଡେଣ୍ଟ ଭାବେ ଅଧକ୍ଷ ପରମାନନ୍ଦ ମହାପାତ୍ର ଦାୟିତ୍ୱରେ ଥିଲେ।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନେଇ ଗୁରୁତ୍ୱ

ଚିତ୍ରକୋଣ୍ଡା, ୪।୩(ଡି.ଏନ.ଏ.)



ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ୟୁକୋ ପାର୍କଠାରେ ବନସୁରକ୍ଷା ସମିତିର ସଦସ୍ୟ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବନପାଳ ମୃତ୍ୟୁଞ୍ଜୟ ସେଠୀ ପରିଚାଳନା କରିଥିଲେ। ବିଶେଷ କରି ଜଙ୍ଗଲରେ ନିଆଁଲଗାକୁ ରୋକାଯିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଖରା ଦିନେ ଲୋକେ ଅଧିକାଂଶ ସମୟରେ ଜଙ୍ଗଲ ଓ ପାହାଡରେ ନିଆଁ ଲଗାଇ ଦେଇଥାନ୍ତି। ଫଳରେ ବହୁ ମୂଲ୍ୟବାନ ଗଛ ସହ ଜଙ୍ଗଲ ନଷ୍ଟ ହୋଇ ଯାଇଥାଏ। ଏହାକୁ ରୋକିବା ଦିଗରେ ବନସୁରକ୍ଷା ସମିତି ସଦସ୍ୟଙ୍କ ଗୁରୁଦାୟିତ୍ୱ ରହିଛି। ସେମାନେ ନିଜ ନିଜ ଅଞ୍ଚଳରେ ଥିବା ଜଙ୍ଗଲରେ ଯେପରି ନିଆଁ ନ ଲାଗେ ତାହା ଦେଖିବେ। ଭଲ କାମ କରି ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେଇଥିବା ବନ ସୁରକ୍ଷା ସମିତିକୁ ବନ ବିଭାଗ ପୁରସ୍କୃତ କରିବ। ୫ ହଜାର ଟଙ୍କା ଲେଖାଏ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି କାର୍ଯ୍ୟକ୍ରମରେ ସୂଚନା ପ୍ରଦାନ କରାଯାଇଥିଲା। ସେହିପରି ଜଙ୍ଗଲରେ ନିଆଁ ଲଗାଇ ଧରାପଡିଲେ ୨୫ ହଜାର ଟଙ୍କା ଜରିମାନା ଦେବା ସହ ଅଭିଯୁକ୍ତ ୭ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି କୁହାଯାଇଥିଲା।

# ମାଁଲଗା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଚୋରି ଉଦ୍ୟମ

ଚନ୍ଦାହାଣ୍ଡି,୪।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଧୋଡିପାଣି ସ୍ଥିତ ମାଁଲଗା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଛି। ବ୍ୟାଙ୍କ ପଛପଟ କାନ୍ଥକୁ ଖୋଳି ଚୋରମାନେ ବ୍ୟାଙ୍କ ଭିତରେ ପଶିଥିଲେ। ବ୍ୟାଙ୍କ ଭିତରେ ଥିବା ସିସିଟିଭି କ୍ୟାମେରାର ତାରକୁ କାଟି ଦେଇଥିଲେ। ଏହା ପରେ ବ୍ୟାଙ୍କ ଭିତରେ ଥିବା କାଗଜପତ୍ରକୁ ଫିଙ୍ଗାପିଙ୍ଗି କରିଥିବା ବେଳେ ବ୍ୟାଙ୍କ ଲକର ସୁରକ୍ଷିତ ଥିବା ଜଣାପଡିଛି। ବୁଧବାର ସକାଳେ ବ୍ୟାଙ୍କ କର୍ମଚାରୀ ଖବର ପାଇ ଚନ୍ଦାହାଣ୍ଡି ଥାନାକୁ ଖବର ଦେଇଥିଲେ। ଖବର ପାଇ ଚନ୍ଦାହାଣ୍ଡି ଥାନା ସବ ଇନ୍ସପେକ୍ଟର ସୁବାଷ ବେହେରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ୨୦୧୬ ମସିହା ଅକ୍ଟୋବର ମାସରେ ମଧ୍ୟ ଉକ୍ତ ବ୍ୟାଙ୍କରେ ଚୋରି ଉଦ୍ୟମ ହୋଇଥିଲା। ବ୍ୟାଙ୍କରେ ନାଇଟ ୱାଚର ଓ ସାଇରନ ବ୍ୟବସ୍ଥା କରାଯାଇ ନାହିଁ। ଅସୁରକ୍ଷିତ ପଞ୍ଚାୟତ କାର୍ଯ୍ୟାଳୟର ଏକ ଭଙ୍ଗା ଦଦରା ଘରେ ବ୍ୟାଙ୍କ ଚାଲୁଥିବାରୁ ବିଭିନ୍ନ ସମୟରେ ଚୋରିର ଭୟ ରହୁଛି। ବିଗତ ଦିନରେ ବ୍ୟାଙ୍କ ଅଫ ବରୋଦାରେ ଚୋରି ଉଦ୍ୟମ ହୋଇଥିଲା। ସେଠାରେ ଥିବା କମ୍ପ୍ୟୁଟରଗୁଡିକୁ ଚୋରମାନେ ଭାଙ୍ଗି ଦେଇଥିଲେ। ବ୍ୟାଙ୍କରେ ଏପରି ବାରମ୍ବାର ଚୋରି ଉଦ୍ୟମ ହେଉଥିଲେ ମଧ୍ୟ ପୋଲିସ ଚୋରଙ୍କୁ ଧରିବାରେ ସଫଳ ହେଉନି।



ଚୋରିପାଇଁ ଖୋଳାଯାଇଥିବା କାନ୍ଥ ।

# କୋରୁକୋଣ୍ଡା ବଡଯାତ୍ରା ଶେଷ

କୋରୁକୋଣ୍ଡା,୪।୩(ଡି.ଏନ.ଏ.)-

ମାଲକାନଗିରି ଜିଲାର ପ୍ରସିଦ୍ଧ ଗଣପର୍ବ କୋରୁକୋଣ୍ଡା ବଡଯାତ୍ରା ମଙ୍ଗଳବାର ମଧ୍ୟରାତ୍ରରେ ଶେଷ ହୋଇଛି। ରବିବାର ମଧ୍ୟରାତ୍ରିରେ ମାଣ୍ଡିଆଭଟାରୁ ବିଶାଳ ଶୋଭାଯାତ୍ରାରେ ମାଉଳି ମା ମନ୍ଦିରକୁ ଆସିବା ପରେ ସେଠାରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମାନସିକଧାରୀ ସେଠାରେ ଦର୍ଶନ ସହ କୁକୁଡା ଓ ଛେଳି ବଳି ଦେଇଥିଲେ। ମଙ୍ଗଳବାର ଯାତ୍ରାର ଅନ୍ତିମ ଦିବସରେ ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୋମବାର ଓ ମଙ୍ଗଳବାର ଦୁଇଦିନ ବ୍ୟାପୀ ମା' ପୂଜା ପାଇଥିଲେ। ଆଦିବାସୀ, କୋୟା ପରମ୍ପରା ନୀତି ଅନୁଯାୟୀ ମହାଭାରତର ପଞ୍ଚୁପାଣ୍ଡବ ଓ ଶ୍ରୀକୃଷ୍ଣ ମା' ମାଉଳିଙ୍କୁ ପୂଜାର୍ଚ୍ଚନା କରୁଥିଲେ। କୋରୁକୋଣ୍ଡା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଲାଠି ଧରି ପେଡା ପୂଜାରୀମାନେ ଯୋଗ ଦେଇଥିଲେ। ଶ୍ରଦ୍ଧାଳୁଙ୍କ ସୁବିଧା ଲାଗି ଜିଲା ତଥା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାଥମିକ ଚିକିତ୍ସା ଏବଂ ପାନୀୟ ଜଳ ବନ୍ଦୋବସ୍ତ କରାଯାଇଥିଲା। ଜନସାଧାରଣ ଙ୍କ ସୁରକ୍ଷା ଦୃଷ୍ଟିରୁ ଅଗ୍ନିଶମ ସେବା ଓ ପୋଲିସ ନିୟୋଜିତ ହୋଇଥିଲା।

# ସିଏଏ ବିରୋଧରେ ତହସିଲଦାରଙ୍କୁ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା କୋଷାଗୁମୁଡା ବ୍ଲକ ବହୁଜନ କ୍ରାନ୍ତୀମୋର୍ଚ୍ଚାର ସଦସ୍ୟ ।

କୋଡିଙ୍ଗା,୪।୩(ଡି.ଏନ.ଏ)

ଏନଆରସି, ସିଏଏ, ଏନପିଆରକୁ ବିରୋଧ କରି କୋଷାଗୁମୁଡା ବ୍ଲକ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୋଡିଙ୍ଗା ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନାଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବହୁଜନ କ୍ରାନ୍ତି ମୋର୍ଚ୍ଚା କୋଷାଗୁମୁଡା ବ୍ଲକ ସଂଯୋଜକ ଦାମୋଦର ପୂଜାରୀଙ୍କ ନେତୃତ୍ୱରେ ଜନଜାତୀ ସୁରକ୍ଷା ମଞ୍ଚର ବ୍ଲକ ସଂଯୋଜକ ତାରିଣୀ ଚରଣ ମାଝି, ହରିହର ଭଣ୍ଡାରି, ଲଛମନ ଭତ୍ରା, ଈଶ୍ୱର ମାଝି, ବ୍ଲକ ଯୁବ କଂଗ୍ରେସ ସଭାପତି ବାବୁଲି ବାଘ, ଧନେଶ୍ୱର ସିଂ, ମହେଶ୍ୱର ଭତ୍ରା, ଲକିଚନ୍ଦ୍ର ପୂଜାରୀ, ଭବରନ ମାଝି ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏହି ଆଇନ ହଟାଯାଉ ନଚେତ ମୋର୍ଚ୍ଚା ପକ୍ଷରୁ ବିରୋଧ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। ଆସନ୍ତା ୧୧ ରେ କୋଡିଙ୍ଗାରେ ମୋର୍ଚ୍ଚା ପକ୍ଷରୁ ଏକ ଶୋଭାଯାତ୍ରା କରାଯିବ ବୋଲି ସୂଚନା ଦିଆଯାଇଛି।

# ବିଶ୍ୱ ନିରାପତ୍ତା ସଚେତନତା ଶୋଭାଯାତ୍ରା

ଚନ୍ଦାହାଣ୍ଡି,୪।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମଧ୍ୟ ଇଂରାଜୀ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ନିରାପତ୍ତା ସଚେତନତା ଦିବସ ପାଳନ କରାଯାଇଛି। ଛାତ୍ରୀଛାତ୍ରମାନେ ସଚେତନତା ସଂକ୍ରାନ୍ତୀୟ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ଗାଡି ଚଳାଇବା ସମୟରେ ହେଲମେଟ, ସିଟ ବେଲ୍ଟ ବାନ୍ଧିବା , ଶ୍ରମିକମାନେ ମଧ୍ୟ କାର୍ଯ୍ୟ କରିବା ସମୟରେ ହେଲମେଟ ପିନ୍ଧିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ଡିବେଟ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ଘନଶ୍ୟାମ ଗୌଡ, ପ୍ରଶନ୍ନ କୁମାର ନାୟକ, ଅପରାଜିତା ମହାନ୍ତି, ଭକ୍ତଚରଣ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

# ସିନ୍ଧାବେଡ଼ାରେ ମା ' ଗ୍ରାମ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା

ମାଥିଲି, ୪।୩

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ସିନ୍ଧାବେଡାରେ ମା ' ଗ୍ରାମ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କମାରାବେଡା, ମହୁପଦର, ବାରୁବେଡା, ମୁଣ୍ଡିଗୁଡା, ସାରଙ୍ଗପାଲି, ଶାରଦାପୁଟ, କିଆଙ୍ଗ ଆଦି ଗ୍ରାମରୁ ବିଭିନ୍ନ ଲାଠି ଦେବୀଙ୍କୁ ନିମନ୍ତ୍ରିତ କରାଯାଇଥିଲା। ଆଦିବାସୀଙ୍କ ପାରମ୍ପରିକ ରୀତିନିତୀ ଅନୁଯାୟୀ ପୂଜାପାଠ ହୋଇଥିଲା। ମା' ଦୁଲାରଦେଇଙ୍କ ଯାତ୍ରା ପରେ ନୂତନ ଭାବେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଗ୍ରାମଦେବୀଙ୍କୁ ମନ୍ଦିରରେ ପ୍ରତିଷ୍ଠା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସମ୍ମାନିତ ଅତିଥି ଭାବେ ଡା. ଅମୀୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ରାତିରେ କୁଡୁମୁଲୁଗୁମ୍ମା ପଞ୍ଚାୟତ ଅଧୀନ ଟେକଗୁଡାର 'ଭଲ ଝିଅ ଭାରି ଖରାପ' ଶୀର୍ଷକ ଆଦିବାସୀ ନାଟକ ପରିବେଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ. ଭିଏନ ରାଓ , ଆର୍. ସତ୍ୟ ନାରାୟଣ ରାଓ, ଏସ .ବାଲାଜୀ ରାଓ, ରାମଚନ୍ଦ୍ର ପୂଜାରୀ , ରାମ ବିଶୋୟୀ , ଲବ ପୂଜାରୀ, ଲକ୍ଷ୍ମୁ ଗୌଡ, ଗୁରୁ କମାର, ନାରାୟଣ ପୂଜାରୀ, ଏସ. ଦାମିକ ରାଓ , ବନ୍ଧୁ ପୂଜାରୀ, ପିଙ୍କୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଖପାଖ ଅଞ୍ଚଳରୁ ୩ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା

# ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇଘର, ୪।୩( ଡି.ଏନ.ଏ )

ନବରଙ୍ଗପୁର ଜିଲା ସୀମାନ୍ତବର୍ତ୍ତି ରାଇଘର ବ୍ଲକ ମାରଙ୍ଗପାଲି ଗ୍ରାମର ଏକ ଚାଷ ଜମିରେ ଥିବା ଆମ୍ବ ଗଛରୁ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ନାବାଳକ ଜଣକ ହେଉଛନ୍ତି ସନ୍ତୋଷ ଗଣ୍ଡ (୧୭)। ମାରଙ୍ଗପାଲି ଗ୍ରାମର ଛବି ଗଣ୍ଡଙ୍କ ପୁଅ ସନ୍ତୋଷ ମଙ୍ଗଳବାର ରାତିରେ ଖାଇ ସାରିବା ପରେ କେଉଁ ଆଡେ ଚାଲି ଯାଇ ଥିଲେ। ଘର ଲୋକେ ଖୋଜା ଖୋଜି କରି ପାଇ ନ ଥିଲେ। ପରେ ଗାଁ ଲୋକ ଘର ଠାରୁ ୫୦୦ ମିଟର ଦୂର ମକା ଜମିରେ ଥିବା ଆମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ ।ରାଇଘର ଥାନା ଏଏସଆଇ ବିକେ ଗଉଡ଼ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଥାନାରେ ନଂ.୬/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି । ମୃତ୍ୟୁର କାରଣ ଜଣାପଡି ନାହିଁ। ସୂଚନାଯୋଗ୍ୟ, ପୂର୍ବରୁ ସନ୍ତୋଷଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା । ପୁଅର ମୃତ୍ୟୁ ପରେ ସନ୍ତୋଷର ମା', ସାନ ଭାଇ ଭଉଣୀ ଦୁଃଖରେ ଭାଙ୍ଗି ପଡିଛନ୍ତି।

# ୨୮ରେ ନବରଙ୍ଗପୁର ଆଇନଜୀବୀ ସଂଘ ନିର୍ବାଚନ

ନବରଙ୍ଗପୁର,୪।୩(ବି.ପ୍ର.)

ନବରଙ୍ଗପୁର ଆଇନଜୀବୀ ସଂଘର ନିର୍ବାଚନ ଆସନ୍ତ ୨୮ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ସଂଘର ନିର୍ବାଚନ ଅଧିକାରୀ ଶମରେଶ ଗନ୍ତାୟତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତ ମାସ ୨୮ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଓକିଲ ସଂଘ ସମ୍ମିଳନୀ କକ୍ଷରେ ନିର୍ବାଚନ ଅନୁଷ୍ଠିତ ହେବ। ବିଭିନ୍ନ ପଦ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଇଚ୍ଛୁକ ଆଇନଜୀବୀମାନେ ମାର୍ଚ୍ଚ ୫ ଓ ୬ ତାରିଖରେ ପ୍ରାର୍ଥୀପତ୍ର ଉପ ନିର୍ବାଚନ ଅଧିକାରୀ ଆଇନଜୀବୀ କିଶୋର ପଟ୍ଟନାୟକ ଓ ତାଜ ଇମ୍ରାନ ସରିଫଙ୍କ ଠାରୁ ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଫର୍ମ ଗ୍ରହଣ ଓ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ମାର୍ଚ୍ଚ ୭ ତାରିଖ ଅପରାହ୍ନ ସାଢେ ୩ରେ ପ୍ରାର୍ଥୀ ପତ୍ର ଯାଞ୍ଚ, ୧୨ ତାରିଖ ଅପରାହ୍ନ ସାଢେ ୩ ଟାରେ ପ୍ରାର୍ଥୀ ତାଲିକା ପ୍ରକାଶ ହେବା । ୧୩ ତାରିଖ ପୂର୍ବାହ୍ନ ୧୧ ଟାରୁ ଦିନ ୩ ଟା ମଧ୍ୟରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ହେବ। ୧୪ ତାରିଖ ଚୁଡାନ୍ତ ପ୍ରାର୍ଥୀପତ୍ର ପ୍ରକାଶ ପାଇ ଆସନ୍ତା ୨୮ ତାରିଖ ସକାଳ ୮ ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ଉକ୍ତ ଦିବସ ଅପରାହ୍ନ ୩ ଟାଠାରୁ ଭୋଟଗଣତି ହୋଇ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ଶମରେଶ ଗନ୍ତାୟତ ସୂଚନା ଦେଇଛନ୍ତି।

# ମାଛ ଚାଷ ନିମନ୍ତେ ପ୍ରଶିକ୍ଷଣ

ଡାବୁଗାଁ, ୪।୩ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ମାଛ ଚାଷ ନିମନ୍ତେ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାର୍ଲ୍ଡଫିସ, ମିଶନଶକ୍ତି ଓ ଜିଲା ମତ୍ସ୍ୟ ବିଭାଗର ମିଳିତ ଆନୁକୁଲ୍ୟରେ ସ୍ୱୟ ସହାୟକ ଗୋଷ୍ଠୀର ସଭ୍ୟ ମାନଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ପୋଖରୀରେ ମାଛ ଚାଷ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ମତ୍ସ୍ୟ ଅଧିକାରୀ ଯୋଗ ଦେଇ ଏହାକୁ ଉଦଘାଟନ କରିବା ସହ ବୈଜ୍ଞାନିକ ପ୍ରଣାଳୀରେ ଉନ୍ନତ ମାନର ମାଛ ଚାଷ କରିବା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡାବୁଗାଁ ସିଡିପିଓ ଯମୁନା ଭତ୍ରା ଓ ସୁପରଭାଇଜର ସ୍ୱର୍ଣ୍ଣପ୍ରଭା ଦାଶ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଅତିରିକ୍ତ ମତ୍ସ୍ୟ ଅଧିକାରି ଜି. ଜଗଦୀଶ ରାଓ, କୋଷାଗୁମୁଡା ସହକାରୀ ମତ୍ସ୍ୟ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ, ପାପଡାହାଣ୍ଡି ସହକାରୀ ମତ୍ସ୍ୟ ଅଧିକାରୀ ଆକାଶ ନାୟକ ଓ ନନ୍ଦାହାଣ୍ଡି ସହକାରୀ ମତ୍ସ୍ୟ ଅଧିକାରୀ ରାଟେଲ ମହାଙ୍କୁଡ ଶ୍ରୀଚନ୍ଦନ ରଏ ପ୍ରମୁଖ ଯୋଗ ଦେଇ ପୋଖରୀ ପରିଚାଳନା, ପୋଖରୀରେ କେଉଁ ସମୟରେ ମାଛ ଯାଆଁଳ ଛଡାଯିବା, ଉନ୍ନତ ମାଛ ବିହନ, ପୋଖରୀରେ ଚୂନ ଓ ଗୋବର ପ୍ରୟୋଗ, ପରିପୂରକ ଖାଦ୍ୟ ପ୍ରୟୋଗ, ରୋଗ ଓ ତାର ନିରାକରଣ ଏବଂ ମାଛ ଚାଷରେ ହେଉଥିବା ଲାଭର ପରିମାଣ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡାବୁଗାଁ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ମନୋରଞ୍ଜନ ମାଝୀ ପରିଚାଳନା କରିଥିଲେ।

# ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ, ଜଣେ ଗିରଫ

କୋରୁକୋଣ୍ଡା/ଚିତ୍ରକୋଣ୍ଡା, ୪।୩(ଡି.ଏନ.ଏ)

ମାଲକାନଗିରି ଜିଲା ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ଅଶୋକ ସେଠଙ୍କ ନିର୍ଦ୍ଦେରେ ବାଲିମେଳା ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢାଉ କରି ଜଣେ ବ୍ୟକ୍ତିଙ୍କଠାରୁ ବହୁ ପରିମାଣରେ ବିଦେଶୀ ମଦ ଜବତ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ରାକେଶ ସିଂ। ଚିତ୍ରକୋଣ୍ଡା ଛକଠାରେ ସେ ବୁଧବାର ବେଆଇନ ଭାବେ ବିଦେଶୀ ମଦ ଚାଲାଣ କରୁଥିବା ବେଳେ ଏସଆଇ ଦୀନେଶ କୁମାରଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା। ରାକେଶ ବିଭନ୍ନ କମ୍ପାନୀର ବିଦେଶୀ ମଦ ରଖି କାରବାର କରି ଆସୁଥିଲେ। ଏ ସମ୍ପର୍କରେ ଅବକାରୀ ବିଭାଗ ସୁରାକ ପାଇବା ପରେ ଚଢାଉ କରି ତାଙ୍କୁ ଧରିଛି। ଜବତ ମଦର ମୂଲ୍ୟ ୫୦ ହଜାରରୁ ଉର୍ଦ୍ଧ୍ୱ ହେବ। ତେବେ ଆଗକୁ ମଧ୍ୟ ଏଭଳି ବେଆଇନ ମଦ କାରବାର ଉପରେ ଚଢାଉ ଜାରି ରହିବ ବୋଲି ଓଆଇସି ଜଗା ରାଓ କହିଛନ୍ତି।



ଜବତ ହୋଇଥିବା ବିଦେଶୀ ମଦ ଓ ଗିରଫ ଅଭିଯୁକ୍ତ।

# ସଡ଼କ ସୁରକ୍ଷା ନେଇ ଛାତ୍ରୀଛାତ୍ରଙ୍କୁ ସଚେତନତା କାର୍ଯ୍ୟକ୍ରମ

**ଜାତୀୟ ନିରାପତ୍ତା ଦିବସ**

ମାଲକାନଗିରି/ଚିତ୍ରକୋଣ୍ଡା/କାଲିମେଳା, ୪।୩(ଡି.ଏନ୍.ଏ.)

ବୁଧବାର ଜାତୀୟ ସୁରକ୍ଷା ନିରାପତ୍ତା ଦିବସ ଅବସରରେ ମାଲକାନଗିରି ଜିଲାର ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋରାଖୁଣ୍ଟା ସରପଞ୍ଚ ଏରା ପଡିଆମି ଏହି ଜାତୀୟ ନିରାପତ୍ତା ଦିବସକୁ ପଞ୍ଚାୟତ ସଦର ମହକୁମାସ୍ଥିତ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଅଭିନବ ଉପାୟରେ ପାଳନ କରିଛନ୍ତି। ଏକ ଶୋଭାଯାତ୍ରାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ସଡକ ସୁରକ୍ଷା ଜୀବନ ରକ୍ଷା ବାର୍ତ୍ତା ଦେଇଥିଲେ। ରାସ୍ତାରେ ଯାତାୟାତ କରୁଥିବା ଗାଡିମୋଟରକୁ ଅଟକାଇ ଚାଳକମାନଙ୍କୁ ସଡକ ସୁରକ୍ଷା ଓ ଟ୍ରାଫିକ୍ ନିୟମ ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ସରକାରଙ୍କ ସଡକ ସୁରକ୍ଷା ଏବଂ ଟ୍ରାଫିକ ନିୟମ ଉଲ୍ଲଂଘନ କଲେ କି ଦଣ୍ଡ ବିଧାନ ରହିଛି ସେ ନେଇ ସଚେତନ କରାଇଥିଲେ। ପରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ଏବଂ ଟ୍ରାଫିକ ନିୟମ ସମ୍ପର୍କରେ ଶିକ୍ଷାଦାନ କରିବା ସହ ଛାତ୍ରୀଛାତ୍ରମାନେ ଏହି ନିୟମ ପାଳନ କଲେ କୌଣସି ଦୁର୍ଘଟଣାର ସମ୍ମୁଖୀନ ହେବେ ନାହିଁ କିମ୍ବା ଅମୂଲ୍ୟ ଜୀବନକୁ ହରାଇବେ ନାହିଁ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ନାରାୟଣ ନାୟକ, ପରିଚାଳନା କମିଟି ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ।

ଚିତ୍ରକୋଣ୍ଡା ପଞ୍ଚାୟତର ଟେମ୍ପରାରି କଲୋନୀ ଉଚ୍ଚ ପ୍ରାଥମିକ ପକ୍ଷରୁ ଜାତୀୟ ନିରାପତ୍ତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଛାତ୍ରୀଛାତ୍ରମାନେ ପୋଷ୍ଟର ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଯଥା ହେଲମେଟ ପିନ୍ଧି ନିଜ ଜୀବନକୁ ସୁରକ୍ଷିତ ରଖିବା, ଧୀରେ ଗାଡି ଚଳାଇବା ନେଇ ବର୍ତ୍ତା ପ୍ରଚାର କରିଥିଲେ। ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସେଠୀ, ସହକାରୀ ଶିକ୍ଷୟିତ୍ରୀ ରୀତା ମହାରଣା, ଉଲ୍ଲାସ ଓଝା, ପୁଷ୍ପାଞ୍ଜଳି ପାତ୍ର, ଗୀତାଞ୍ଜଳି ବାରିକ ଓ ମାଟ୍ରନ ସସ୍ମିତାରାଣୀ ନାୟକ ପରିଚାଳନା କରିଥିଲେ। ସେହିଭଳି ଚିତ୍ରକୋଣ୍ଡା ସହରସ୍ଥିତ ଡିଏଭି ଗୁରୁକୁଳ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଓଡିଶା ଆଦର୍ଶ ବିଦ୍ୟାଳୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ଓ ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଜାତୀୟ ନିରାପତ୍ତା ଦିବସ ପାଳିତ ହୋଇ ସଚେତନତା ଶୋଭାଯାତ୍ରା କରାଯାଇଥିଲା।

କାଳିମେଳା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଜାତୀୟ ନିରପତ୍ତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା କରାଯାଇଥିଲା। ଗ୍ରାମବାସୀଙ୍କୁ ଉକ୍ତ ଦିବସର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ପରେ ବିଦ୍ୟାଳୟରେ ଏକ ସଭା ହୋଇଥିଲା । ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ, ଶିକ୍ଷକ ରବିନ୍ଦ୍ରନାଥ ବେପାରୀ,ଉତ୍ତମ କୁମାର ବିଶ୍ୱାସ, ସହକାରୀ ଶିକ୍ଷକ ଅନାଦି ଚରଣ ପ୍ରଧାନ, ଈଶ୍ୱର ଚନ୍ଦ୍ର ମାଝି, ପରିମଳ ମଣ୍ଡଳ, ଜ୍ୟୋତି ରଞ୍ଜନ ରାଉତ, ଦେବକୀ ଦେବୀଦାସ, ଦୁନ୍ନା ଭେଙ୍କଟେଶ୍ୱର ରାଓ, ଚୈତନ୍ୟ ମେହେର, ସାବିତ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଜାତୀୟ ନିରାପତ୍ତା ଶୀର୍ଷକ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।





ମାଲକାନଗିରିରେ ଜାତୀୟ ନିରାପତ୍ତା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।





କାଳିମେଳାରେ ଏହି ଅବସରରେ ଛାତ୍ରୀଛାତ୍ରଙ୍କ ବାହାରିଥିବା ଶୋଭାଯାତ୍ରା।

